ପ୍ରେସ ନୋଟ

# ଆଜି ଅନୁଗୋଳ ଜିଲ୍ଲାରୁ ୭୧ ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ୪୭୭୬୫ରେ ପହଞ୍ଚିଲା - ସୁସ୍ଥ ହେଲେ ୧୦୩ଜଣ ।

ଅନୁଗୋଳ,ତା.୦୭.୦୨:- ଆଜି ଅନୁଗୋଳ ଜିଲ୍ଲାରେ ୭୧ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡିଛି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୪୧ଜଣ(୩୫ଜଣ ପୁରୁଷ ଓ ୬ଜଣ ମହିଳା), ବଣ୍ଡରପାଳ ବ୍ଲକ୍ ଅଂଚଳରୁ ୧୧ଜଣ ( ୯ଜଣ ପୁରୁଷ ଓ ୨ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୭ଜଣ ( ୫ଜଣ ପୁରୁଷ ଓ ୨ଜଣ ମହିଳା), ତାଳଚେର ବ୍ଲକ୍ ଅଂଚଳରୁ ୫ଜଣ (୩ଜଣ ପୁରୁଷ ଓ ୨ଜଣ ମହିଳା), ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୩ ଜଣ ( ୨ଜଣ ପୁରୁଷ ଓ ୧ଜଣ ମହିଳା), କିଶୋରନଗର ବ୍ଲକ୍ ଅଂଚଳରୁ ୨ଜଣ ( ୧ଜଣ ପୁରୁଷ ଓ ୧ଜଣ ମହିଳା),ଅନୁଗୋଳ ପୌରାଞ୍ଚଳରୁ ୧ଜଣ (୧ଜଣ ପୁରୁଷ ) ଓ କଣିହାଁ ବ୍ଲକ୍ ଅଂଚଳରୁ ୧ଜଣ (୧ଜଣ ପୁରୁଷ ) ଅଛନ୍ତି । ଲକ୍ଷଣଯୁକ୍ତ ଆକ୍ରାନ୍ତଂକୁ ନିଜ ଘରେ Isolation ରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୪୦୯ଜଣ ମୃତ୍ୟୁବରଣ କଲେଣି । ଆଜି ଅନୁଗୋଳ ଜିଲ୍ଲାରୁ ୧୦୩ଜଣ ସୁସ୍ଥ ହୋଇଛନ୍ତି । ଆଜି ସୁଦ୍ଧା ୧୬ଲକ୍ଷ ୫୯ହଜାର ୩୬୬ଜଣଙ୍କୁ ଟିକା ଦିଆଗଲାଣି ।